# ଆସିକା ଚିନିକଳକୁ ସମବାୟ ସଂସ୍ଥା ପୁରସ୍କାର



ଆସିକା,୨୮ ।୨(ସମିସ): ଆସିକା ସମବାୟନଗରୀ ରୂପେ ବେଶ ପରିଚିତ ଚିନିଶିଳ୍ପ ଲିଃ ନୂଆଗାଁକୁ ୨୦୨୬-୨୦୨୭ ବର୍ଷର ଶ୍ରେଷ୍ଠ ପରିଚାଳିତ ସମବାୟ ସଂସ୍ଥା ସମ୍ମାନ ୨୦୨୫ ନିମନ୍ତେ ପୁରସ୍କୃତ କରାଯାଇଛି । ଭୁବନେଶ୍ୱର ଖାରବେଳ ନଗର ଠାରେ ଆୟୋଜିତ ମୁକ୍ତ ଚନ୍ଦନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ଆନୁକୂଲ୍ୟରେ ୨୧୩ ତମ ଆଲୋଚନାଚକ୍ର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଆସିକା ଚିନିଶିଳ୍ପର ପରିଚାଳନା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଅତିଥି ରୂପେ ବରିଷ୍ଠ ସାହିତ୍ୟିକ ଦାମ ବେନହୁର, ପ୍ରାକ୍ତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନ ଗୋ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜୟଦୁର୍ଗା ପାହାଡ଼ ଓ ତୋଟାଗାଁ ଜଙ୍ଗଲରେ ନିଆଁ



ଖଲ୍ଲିକୋଟ,୨୮ ।୨(ସମିସ): ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଜଙ୍ଗଲରେ ଲାଗୁଛି ନିଆଁ । ଗତ କିଛି ଦିନ ତଳେ ଭିକାପଡା ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଶନିବାର ଖଲ୍ଲିକୋଟ ଜୟଦୁର୍ଗା ପାହାଡ଼ ଏବଂ ତୋଟାଗାଁ ଜଙ୍ଗଲରେ ନିଆଁ ଲାଗିଛି । ଜୟଦୁର୍ଗା ପାହାଡ଼ର ପାଦ ଦେଶରେ ଥିବା ଶ୍ମଶାନ ସ୍ଥଳୀ ମଦୁଆଙ୍କ ଆଡ୍ଡା ସ୍ଥଳୀ ପାଲଟି ଥିବା ବେଳେ ମଦୁଆ ମାନେ ସେଠାରେ ମଦ୍ୟପାନ କରିବା ପରେ ସିଗାରେଟ ଟାଣି ସେଠାରେ ଫିଙ୍ଗି ଦିଅନ୍ତି । ସମ୍ଭବତଃ ସେହି ଅଧା ପୋଡା ସିଗାରେଟ ନିଆଁ ଲାଗି ଜଙ୍ଗଲ ଜଳୁଥିବା ଅଭିଯୋଗ କରିଛନ୍ତି କୃଷ୍ଣ ଚନ୍ଦ୍ର ଦାସ । ଜଙ୍ଗଲ ହୁତୁହୁତୁ ହୋଇ ଜଳୁଥିବା ଖବର ପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି ।

# ଜାତୀୟ ବିଜ୍ଞାନ ଦିବସ ପାଳିତ



କୁକୁଡାଖଣ୍ଡି,୨୮ ।୨(ସମିସ): ଶନିବାର ଦିନ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଦକ୍ଷିଣପୁରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଲାଞ୍ଜିଆ ସମିତି ସଭ୍ୟ ତଥା ଆମ୍ବଗଡ଼ ସେବା ସମବାୟ ସମିତିର ସଭାପତି କାହ୍ନୁଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପରମଗୁରୁ ମହାପାତ୍ର ମୁଖ୍ୟବକ୍ତା, ସଂଯୁକ୍ତା ଦେବୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଗଙ୍ଗାଧର ଗୌଡ଼, ପ୍ରମୋଦ କୁମାର ସାମନ୍ତରାୟ, ନକୁଳ ଜେନା ଛାତ୍ରଛାତ୍ରୀଙ୍କୁ ବିଜ୍ଞାନର ସଫଳତା ବିଷୟରେ କହିଥିଲେ । ଏନୟୁପିଏସ ଦକ୍ଷିଣପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଏ. ପୁଷ୍ପଲତା ଓ କ୍ଲଷ୍ଟର ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ କୁନି କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ପ୍ରିୟଦର୍ଶିନୀ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଶିକ୍ଷୟତ୍ରୀ ପାଲେକା ଜସ୍ମିନୀ ଓ ପ୍ରତିମା ପ୍ରଧାନ ମିଳିତ ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି କାହ୍ନୁ ଚରଣ ପାତ୍ର ଆମ୍ବଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଣ୍ଡବନ୍ଧ ବିଦ୍ୟାଳୟ, ଦକ୍ଷିଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଲାଞ୍ଜିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବାଳକୃଷ୍ଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ପଦର ବାଲି ଉଚ୍ଚ ପ୍ରାଥମୀକ ବିଦ୍ୟାଳୟ ପରିଦର୍ଶନ କରିଥିଲେ ।

# ସମ୍ପତ୍ତି କଳି; ବାପାଙ୍କ ଶବ ପଡ଼ି ରହିଲା ୧୫ ଘଣ୍ଟା

ଜଗନ୍ନାଥପ୍ରସାଦ,୨୮ ।୨(ସମିସ):



ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଜିରାବାଡ଼ି ବଡ଼ଦାଣ୍ଡ ସାହିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ କଳହ ଲାଗି ରହିଥିବାବେଳେ ବାପାଙ୍କ ଶବକୁ ଦୁଇ ଭାଇ ପଚାରିଲେନି । ଫଳରେ ୧୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଶବ ପଡ଼ି ରହିଲା । ମୃତକ ହେଉଛନ୍ତି ଜିରାବାଡି ଗ୍ରାମର ସୁରେନ୍ଦ୍ର ପ୍ରଧାନ (୯୦) ।

ମୃତକଙ୍କ ଦୁଇ ପୁଅ ଓ ଦୁଇ ଝିଅ । ବଡ଼ପୁଅ ହେଉଛନ୍ତି ପ୍ରତାପ ଚନ୍ଦ୍ର ପ୍ରଧାନ ଓ ସାନପୁଅ ପ୍ରଦୀପ ପ୍ରଧାନ । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସାନପୁଅ ପ୍ରତାପ ତାଙ୍କର ବାପାଙ୍କ ସମସ୍ତ ସମ୍ପତ୍ତି ନିଜର ସ୍ତ୍ରୀ ଓ ପୁଅ ନାମରେ କରିଦେଇଥିବାରୁ ବଡଭାଇ ଓ ସାନଭାଇଙ୍କ ମଧ୍ୟରେ କୋର୍ଟରେ ମାମଲା ଚାଲିଛି । ଦୁଇ ଭାଇ ଭୁବନେଶ୍ୱରରେ ରହି ଦିନ ମଜୁରିଆ କାମ କରନ୍ତି । ତେବେ ତାରିଖ ଅନୁଯାଇ ବୃଦ୍ଧ ମାଆ ଭାସି ପ୍ରଧାନ (୮୦) ଓ ବାପାକୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ଟଙ୍କାକୁ ସାନପୁଅ ପ୍ରତାପ ନେଇ ଯାଉଥିଲେ । ଦୁଇ ପୁଅ ବାହାରେ ରହୁଥିବାରୁ ବୃଦ୍ଧ ଦମ୍ପତି ଜରିପାଲ ତଳେ ଆଶ୍ରୟ ନେଇଥିଲେ ଏବଂ ସେମାନଙ୍କୁ ସାହି ପଡ଼ିଶା ଖାଇବାକୁ ଦେଉଥିଲେ । ତେବେ ଆଜି ଭୋର ୫ଟାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ହେବା ପରେ ମରଶରୀର ରାତି ୮ଟା ପର୍ଯ୍ୟନ୍ତ ପଡ଼ି ରହିଥିଲା । ସାନପୁଅ ଭୁବନେଶ୍ୱରରୁ ଆସିଥିଲେ ମଧ ବଡ଼ ପୁଅ ଓ କୂଳକୁଟୁମ୍ବ ପାଖ ମାଡ଼ି ନ ଥିଲେ । ଗ୍ରାମରେ ଏହି ଘଟଣା ପ୍ରଘଟ ହେବା ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରି ସମ୍ବେଦନଶୀଳ ଘଟଣା ଓ ଗଣ୍ଡଗୋଳ ସୂତ୍ରପାତର ଖବର ପାଇ ଜଗନ୍ନାଥପ୍ରସାଦ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ପହଞ୍ଚି ଗ୍ରାମବାସୀ ଏବଂ ବଡ଼ପୁଅକୁ ବୁଝାସୁଝା କରିଥିଲେ । ଦୀର୍ଘ ୧୫ ଘଣ୍ଟା ପରେ କୂଳକୁଟୁମ୍ବ, ବନ୍ଧୁପରିଜନ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଶବକୁ ସତ୍କାର କରାଯାଇଥିଲା । ଏହି ଅବସରରେ ଏଏସ୍‌ଆଇ ପ୍ରିୟରଞ୍ଜନ ମିଶ୍ର, ମନୋରଞ୍ଜନ ନାୟକ, ହାବିଲଦାର ବନବାସ ଶବର, ତ୍ରିନାଥ ନାୟକ ଉପସ୍ଥିତ ଥିଲେ ।

■ ବାଲି ଚୋରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲା ପ୍ରଶାସନ

# ସୁବର୍ଣ୍ଣେଶ୍ୱର ନଦୀ ଘାଟରେ ଲାଗିଲା ୧୬୩ ଧାରା



ଧରାକୋଟ,୨୮ ।୨(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ତହସିଲ ଓ ଧରାକୋଟ ଥାନା ଅଧୀନରେ ଥିବା ସୁବର୍ଣ୍ଣେଶ୍ୱର ମନ୍ଦିର ନିକଟ ନଦୀ ପଠାରୁ ରାତିରେ ବାଲି ଚୋରାଚାଲାଣ ହେଉଥିବା ନେଇ ସାଧାରଣ ଲୋକ ଅଭିଯୋଗ କରି ଆସୁଥିଲେ । ଏପରିକି ଚୋରା ବାଲି ବୋଝେଇ ଗାଡିକୁ ଲୋକେ ଅଟକାଇବା ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଥିଲା । ସଂପ୍ରତି ପ୍ରଶାସନ ଏଥିରେ ରୋକ ଲାଗିଛି । ଗତ ଶୁକ୍ରବାର ଦିନ ଏହି ବାଲି ଘାଟରେ ୧୬୩ ଧାରା ଜାରି ହୋଇଥିବା ଧରାକୋଟ ତହସିଲଦାର ପ୍ରକାଶ କରିଛନ୍ତି ।

ଏହି ବାଲି ଘାଟରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଏସଆଇ ରିତେଶ ବାଗ, ଏଏସ୍‌ଆଇ ରାଜେନ୍ଦ୍ର ରାଉତ, ସୁପରଭାଇଜର ସୁଜ୍ଞାନୀ ବେହେରା, ଢ଼ଉଗାଁ ଏଆରଆଇ ଲୋଚନ ମଣ୍ଡଳ ପ୍ରମୁଖଙ୍କ ଉପସ୍ଥିତିରେ ନାଲି ବାନା ପୋତାଯାଇଛି । ବେଆଇନ ଭାବରେ ଏହି ଘାଟରୁ ବାଲି ଉତ୍ତୋଳନ କରି ହାଇୱା, ଟିପର ଓ ଟ୍ରାକ୍ଟର ଦ୍ୱାରା ଚୋରାରେ ଚାଲାଣ ହେବା ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ କ୍ଷତି ହେଉଥିଲା । ଏହାସହ ନଦୀର ସୌନ୍ଦର୍ଯ୍ୟ ହାନୀ ସହ ଗତିପଥ ବଦଳାଇବାର ସମ୍ଭାବନା ଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିଲେ । ଏହି ବାଲି ଘାଟର ଅବସ୍ଥିତି ଉଭୟ ଆସିକା ଓ ଧରାକୋଟ ବ୍ଲକ ଭିତରୁ କାହାର ପରିସୀମା ମଧ୍ୟରେ ଆସୁଛି ତାକୁ ନେଇ ଦୀର୍ଘଦିନରୁ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିଲା । ଶେଷରେ ସବୁ ଦ୍ୱନ୍ଦ୍ୱର ଅବସାନ ଘଟି ଏହା ଧରାକୋଟ ତହସିଲ, ବ୍ଲକ, ପୁଲିସ ଓ ଖଣି ବିଭାଗ ଅଧିନରେ ରହିଥିବା ସ୍ପଷ୍ଟ ହେବାପରେ ସମୂହ ଭାବରେ ସମସ୍ତ ବିଭାଗର ଅଧିକାରୀ ମିଶି ଘଟଣାସ୍ଥଳରେ ପହଞ୍ଚି ବାଲି ଯେଭଳି ଉତ୍ତୋଳନ ନହେବ ସେଥିପାଇଁ ଲାଲ୍ ରଙ୍ଗର ପତକା ପୋତିଛନ୍ତି । ପ୍ରଶାସନର ଏହି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି ।

# ଯାତ୍ରୀ ବିଶ୍ରାମାଗାର ନିର୍ମାଣକୁ ନେଇ ଅସନ୍ତୋଷ

ଗଞ୍ଜାମ,୨୮ ।୨(ସମିସ): ଗଞ୍ଜାମ ସହର ସାନ ବଜାରରେ ଅଞ୍ଚଳବାସୀ ପକ୍ଷରୁ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଦାବି ହୋଇଆସୁଥିଲା । ଯାହାକୁ ନେଇ ଏନଏସି ପ୍ରଶାସନ ପକ୍ଷରୁ ପୂର୍ବରୁ ଥିବା ମାଛ ମାର୍କେଟ ତଥା କଲେଜ ରୋଡ଼ ପାର୍ଶ୍ୱରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଚାଲିଛି । ଯେଉଁଠି ବିଶ୍ରାମାଗାର ନିର୍ମାଣ ହେବାକୁ ଯାଉଛି ତାହା ନିଛାଟିଆ ସ୍ଥାନ ବୋଲି ଅଭିଯୋଗ ହେଉଛି । ସେଠି ଝିଅ ବୋହୂ ତଥା ମହିଳା ଯାତ୍ରୀ କିଭଳି ସୁରକ୍ଷିତ ଭାବେ ଯାନବାହାନକୁ ଅପେକ୍ଷା କରିବେ । ଅନ୍ୟପଟେ ସେଠାରେ ୱାନ ୱେ ରୋଡ଼ ଏବଂ ଡିଭାଇଡର ରହିଛି । ଯଦିଓ ଖଲ୍ଲିକୋଟ ପଟେ ଯିବାକୁ ଅପେକ୍ଷା ରତ ଯାତ୍ରୀ ସୁବିଧାରେ ଗାଡି ଚଢି ପାରିବେ । କିନ୍ତୁ ବ୍ରହ୍ମପୁର ଯିବାକୁ ଥିବା ଯାତ୍ରୀ ଡିଭାଇଡର ଡେଇଁ ଆରପଟ ରାସ୍ତାକୁ କିଭଳି ଯିବେ ତାହା ପ୍ରଶ୍ନ ଉଠାଇଛି ସାନ ବଜାର ମାଁ ନାରାୟଣୀ ବଣିକ ସଙ୍ଘ । ଛୋଟ ଛୁଆକୁ ଧରି ଜଣେ ମହିଳା ଓ ବୃଦ୍ଧା କିଭଳି କ୍ୟାଣ୍ଟରରେ ସୁରକ୍ଷିତ ଭାବେ ଯାତ୍ରା କରିବେ ବୋଲି ବଣିକ ସଙ୍ଘ ସମ୍ପାଦକ ପ୍ରଭାତ କୁମାର ସାହୁ ଯୁକ୍ତି ବାଢିଛନ୍ତି । ସେଠି ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେଲେ ମଦ୍ୟପ ଓ ଅସାମାଜିକଙ୍କ ଅଡ୍ଡା ସ୍ଥଳୀ ହେବ ବୋଲି ସେ କହିଛନ୍ତି । ଅନ୍ୟ ପଟେ ସାନ ବଜାରର ଯେ କୌଣସି ଜନ ଗହଳିପୂର୍ଣ୍ଣ ସ୍ଥାନରେ ବିଶ୍ରାମା ଗାର ନିର୍ମାଣ କରିବାକୁ ବିଭିନ୍ନ ଅଟୋ ସଙ୍ଘ ସହ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି । ଏନେଇ ଏନଏସି ଇଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନି ।

# ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ; ୪ ଶ୍ରମିକ ଗୁରୁତର

ଖଲ୍ଲିକୋଟ,୨୭ ।୨(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କନ୍ଦିଗାଁରେ ଘଟିଛି ଅଘଟଣ । ଶୁକ୍ରବାର ରାତିରେ ରୋଷେଇ କରୁଥିବା ବେଳେ ଗ୍ୟାସ ଲିକ୍ ହେବାରୁ ନିଆଁ ଲାଗି ୪ ଶ୍ରମିକ ଗୁରୁତର ହୋଇଛନ୍ତି । ସମସ୍ତ ଶ୍ରମିକ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ବୋଲି ଜଣାପଡ଼ିଛି । ୧୬ ନମ୍ବର ଜାତୀୟ ରାଜପଥରେ ରଙ୍ଗ ଦେବା କାର୍ଯ୍ୟରେ ନିୟୋଜିତ ଏହି ଶ୍ରମିକମାନେ ସ୍ଥାନୀୟ କନ୍ଦିଗାଁରେ ଏକ ଘର ଭଡ଼ା ନେଇ ରହୁଥିଲେ । ଶୁକ୍ରବାର ରାତିରେ ଦୁଇ ଜଣ ଶ୍ରମିକ ରୋଷେଇ କରୁଥିବା ବେଳେ ପାଖ ରୁମରେ ଆଉ ଦୁଇ ଜଣ ଶ୍ରମିକ ଗୋଟିଏ ଗ୍ୟାସ ସିଲିଣ୍ଡରରୁ ଆଉ ଗୋଟିଏ ସିଲିଣ୍ଡରକୁ ଗ୍ୟାସ ଫିଲିଙ୍ଗ କରୁଥିଲେ । ଏହି ସମୟରେ ଗ୍ୟାସ ଲିକ ହୋଇ ରୋଷେଇ ନିଆଁକୁ ଧରିଥିଲା ଏବଂ ଚାହୁଁ ଚାହୁଁ ଚାରି ଆଡ଼େ ନିଆଁ ବ୍ୟାପି ଯାଇଥିଲା । ନିଆଁରେ ୪ ଜଣ ଶ୍ରମିକ ପୋଡ଼ିହୋଇ ଚିତ୍କାର କରିଥିଲେ । ପାଟି ଶୁଣି ପାଖ ପଡ଼ୋଶୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଆହତ ଶ୍ରମିକ ମାନେ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ସମର ସିଂ, ଲଳିତ ଚୌଧୁରୀ, ସନ୍ଦୀପ ଡେଲ ଓ ଦେବା କିସବି ବୋଲି ଜଣାପଡ଼ିଛି । ଏଠାରେ ପ୍ରାଥମିକ ଚିକିତ୍ସା ପରେ ଜଣଙ୍କ ଅବସ୍ଥା ସ୍ଥିର ରହିଥିବା ବେଳେ ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ରେଳଧାରଣାରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୨୮ ।୨(ସମିସ): ବ୍ରହ୍ମପୁର ହଳଦିଆପଦର ନିକଟ ରେଳଧରଣା କଡ଼ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି । ମୃତକ ହେଲେ ବୁଗୁଡା ତେଲୁଗୁ ସାହିର ରାମାରାଓ ଦୋରା(୬୫) । ସୂଚନାପ୍ରକାରେ, ଏହି ରେଳଧାରଣାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଖବର ମିଳିବା ପରେ ଜିଆରପି ଥାନା ପୁଲିସ ପହଞ୍ଚି ତଦନ୍ତ କରିଥିଲା । ଗତ ରାତିରେ କୌଣସି ଚଳନ୍ତା ଟ୍ରେନ ଧକ୍କାରେ ରାମା ରାଓଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା । ଖବର ପାଇ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଏମ୍‌କେସିଜି ମେଡ଼ିକାଲରେ ଆହତ କନେଷ୍ଟବଲଙ୍କ ଚିକିତ୍ସା ଜାରି

ବ୍ରହ୍ମପୁର,୨୮ ।୨(ସମିସ): ବିଚ୍ ରାସ୍ତାରେ ଦିନ ଦ୍ୱିପ୍ରହରେ କନେଷ୍ଟବଳ ମନୋରଞ୍ଜନ ସାବତଙ୍କୁ ଛୁରି ଭୂସି ଥିଲେ ଦୁର୍ବୃତ୍ତ । ଦୁର୍ବୃତ୍ତଙ୍କ ଛୁରି ମାଡ଼ରେ ସେ ଗୁରୁତର ହୋଇ ପ୍ରଥମେ ଫୁଲବାଣୀ ମେଡ଼ିକାଲ ପରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଗୁରୁତର କନେଷ୍ଟବଳ ମନୋରଞ୍ଜନ ବର୍ତ୍ତମାନ ଏମକେସିଜି ମେଡ଼ିକାଲରେ ସର୍ଜରୀ ବିଭାଗରେ ଚିକିତ୍ସିତ ହେଉଛନ୍ତି । ସେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି ।

ପ୍ରକାଶ ଯେ, ଗତକାଲି ଫୁଲବାଣୀ ଜଗନ୍ନାଥ ମନ୍ଦିର ଛକ ରାସ୍ତାରେ କନଷ୍ଟେବଳ ମନୋରଞ୍ଜନଙ୍କୁ ୨ଜଣ ଯୁବକ ନିସ୍ଥୁକ ମାଡ଼ ମାରିଥିଲେ । ପୁଲିସ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । କନେଷ୍ଟବଳକୁ ମାଡ଼ ମାରୁଥିବାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ୍ ହୋଇଛି ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ



ବ୍ରହ୍ମପୁର,୨୮ ।୨(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା ଓ ମାୟୀ ଭାରତ ଗଞ୍ଜାମ ଓ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ମିଳିତ ଉଦ୍ୟମରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କୁଳପତି ଗୀତାଞ୍ଜଳି ଦାଶ ଯୋଗଦେଇ ଶୀର୍ଷକ 'ଜରୁରୀ କାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା'କୁ ନେଇ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପିଜି କାଉନସିଲ ଅଧକ୍ଷ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଜାତୀୟ ସେବା ଯୋଜନାର ସଂଯୋଜକ ଡ. ଜୟନ୍ତ କୁମାର ପଣ୍ଡା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ସହ ଜାତୀୟ ସ୍ତରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତକାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ମାୟୀ ଭାରତ ଗଞ୍ଜାମ ସଂଯୋଜକ ଅକ୍ଷୟ ନିପୁନେ ଯୋଗ ଦେଇ ବିକଶିତ ଭାରତ ଯୁବ ସଂସଦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ । ଗଞ୍ଜାମ ଜିଲ୍ଲାର ଜାତୀୟସେବା ଅଧିକାରୀ ଗଣେଷ ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ. ସତୀଶ କୁମାର ନାୟକଙ୍କୁ ସମ୍ମାନିତ କରାଯିବା ସହ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମ ଅଧିକାରୀ ଡ଼. ଶଙ୍କର୍ଷଣ ମଲ୍ଲିକ ପରିଚାଳନା କରିଥିଲେ ।

# ନବନିଯୁକ୍ତ ନନ୍‌କ୍ୟାଡର ଫୌଜଦାରୀ ସରକାରୀ ଓକିଲଙ୍କ କର୍ମଶାଳା

ବ୍ରହ୍ମପୁର,୨୮ ।୨(ସମିସ):





- ଜିଲ୍ଲାର ବିଭିନ୍ନ କୋର୍ଟରୁ ୧୭ ଜଣ ସ୍ୱତନ୍ତ୍ର ପିପି ଓ ୧୧୩ଜଣ ସହକାରୀ ପିପି ସାମିଲ
- ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ବୈଜ୍ଞାନିକ ସମ୍ମତ ସାକ୍ଷ୍ୟ ଓ ପ୍ରମାଣ ଗ୍ରହଣକୁ ଗୁରୁତ୍ୱ
- ଗଞ୍ଜାମ ସମେତ ରାଜ୍ୟର ୭ଟି ଜିଲ୍ଲାରେ ଏକକାଳୀନ ଆୟୋଜିତ ହୋଇଛି କର୍ମଶାଳା

ନିକଟରେ ରାଜ୍ୟର ସମସ୍ତ କୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନନକ୍ୟାଡର ସରକାରୀ ଓକିଲଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏହି କ୍ରମରେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧୭୫ଜଣ ନନକ୍ୟାଡର ସରକାରୀ ଓକିଲଙ୍କୁ ନିଯୁକ୍ତି ମିଳିଛି । ଇତି ମଧ୍ୟରେ ଦେଶର ଆଇନରେ ସଂଶୋଧନ ଓ ପରିବର୍ତ୍ତନ ମଧ୍ୟ ହୋଇଛି । ବ୍ରିଟିଶ ଅମଳର ଅର୍ଥାତ୍ ୧୮୬୦ମସିହାର ଭାରତୀୟ ଦଣ୍ଡବିଧି ଆଇନ ସମେତ ଅନ୍ୟ ଆଇନ ଗୁଡିକରେ ପରିବର୍ତ୍ତନ କରାଯାଇ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମକୁ ଗତ ୨୦୨୪ମସିହା ଜୁଲାଇ ପହିଲାରୁ କାର୍ଯ୍ୟକାରୀ କରାଯାଇଛି । ଏଣୁ ପରିବର୍ତ୍ତିତ ନିୟମ ଓ ଆଇନ ସମ୍ପର୍କରେ ସମସ୍ତ ନବ ନିଯୁକ୍ତ ସରକାରୀ ଓକିଲଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଇନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସମସ୍ତ ଜିଲ୍ଲାରେ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ସମେତ ୭ଟି ଜିଲ୍ଲାରେ ଏକକାଳୀନ ଏହି କର୍ମଶାଳା ଆଜି ଉଦ୍‌ଘାଟିତ ହୋଇଥିବା ବେଳେ ଆସନ୍ତା ୧ତାରିଖ ରବିବାର ଉଦ୍‌ଯାପିତ ହେବ । ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାସ୍ତରୀୟ ଦୁଇଦିନିଆ ନନକ୍ୟାଡର ଫୌଜଦାରୀ ସରକାରୀ ଓକିଲଙ୍କ ପାଇଁ ଉଦ୍ଦିଷ୍ଟ ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ କୋର୍ଟରୁ ୧୭ଜଣ ସ୍ୱତନ୍ତ୍ର ପିପିଙ୍କ ସମେତ ୧୧୩ଜଣ ସହକାରୀ ପିପି ଯୋଗ ଦେଇଥିଲେ । ନୂତନ ଆଇନ ପ୍ରକାରେ କିଭଳି ଭାବେ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ, ବୈଜ୍ଞାନିକ ସମ୍ମତ ସାକ୍ଷ୍ୟ ଓ ତଥ୍ୟ ଭିତ୍ତିକ ପ୍ରମାଣ ସଂଗ୍ରହ ସହିତ ସେଗୁଡିକ ସହାୟତାରେ ଫୌଜଦାରୀ ମାମଲା ଗୁଡିକରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯାଇପାରିବ ସେନେଇ ସଚେତନତା କରାଯାଇଥିଲା । ଗଞ୍ଜାମ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳଙ୍କ ଦ୍ୱାରା ଆୟୋଜିତ କର୍ମଶାଳାରେ ଆଇନବିଭାଗର ଯୁଗ୍ମ ନିର୍ଦ୍ଦେଶକ (ପ୍ରସିକ୍ୟୁସନ) ଅଜିତ କୁମାର ପଟ୍ଟନାୟକଙ୍କ ସମେତ ଆଞ୍ଚଳିକ ଫରେନସିକ ଓ ସାଇଣ୍ଟିଫିକ ଲାବ୍ରୋଟାରୀରୁ ଅଧିକାରୀ, ଏମକେସିଜି ମେଡିକାଲର ଏଫଏମଟି ବିଭାଗର ବିଶେଷଜ୍ଞ, ଅବସରପ୍ରାପ୍ତ କ୍ୟାଡର ପିପି, ଆଇନ ମହାବିଦ୍ୟାଳୟରୁ ଅଧ୍ୟାପିକାଙ୍କ ସମେତ ପୁଲିସ ଅଧିକାରୀ ଯୋଗ ଦେଇ କର୍ମଶାଳାରେ ଉପସ୍ଥିତ ନବନିଯୁକ୍ତ ସରକାରୀ ଓକିଲଙ୍କୁ ଆଇନଗତ ସଚେତନତା ସୃଷ୍ଟି କରିଥିଲେ । ଏହି କର୍ମଶାଳା ଜିଲ୍ଲାସ୍ତରରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ବେଳେ ଆସନ୍ତା କାଲି ଉଦ୍‌ଯାପିତ ହେବ । ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ଅବଶିଷ୍ଟ ଜିଲ୍ଲାଗୁଡିକରେ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ଜଣାପଡିଛି । ସେହିଭଳି ଏହି କର୍ମଶାଳାରୁ ବାଦ ପଡିଥିବା ଆସୋସିଏଟ ପିପି ଓ ଏଜିପିମାନଙ୍କୁ ନେଇ ସ୍ୱତନ୍ତ୍ର କର୍ମଶାଳା ଆଗାମୀ ଦିନରେ ହେବାର ସମ୍ଭାବନା ରହିଛି ।

# 'ଜୟ ସୀତାରାମ' ଯୋଗ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର,୨୮ ।୨(ସମିସ): ବ୍ରହ୍ମପୁର ଫାଷ୍ଟଗେଟ ଅନ୍ତର୍ଗତ ୪ନଂ. ୱାର୍ଡର ଓମ୍ ନଗରରେ ନବନିର୍ମିତ 'ଜୟ ସୀତାରାମ' ଯୋଗ କେନ୍ଦ୍ରକୁ ଶୁକ୍ରବାର ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଉଦ୍‌ଘାଟନ କରିଛନ୍ତି । ବିଧାୟକ ପାଣ୍ଠିରୁ ଏହା ନିର୍ମାଣ ହୋଇଥିଲା । ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ର ସର୍ବସାଧାରଣଙ୍କ ଉପଯୋଗରେ ଆସିବ ବୋଲି ବିଧାୟକ ଏଠାରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବେବେକ ରେଡ୍ଡି, ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନଗର ଯନ୍ତ୍ରୀ ଇଂ. ମନୋଜ କୁମାର ପାତ୍ର, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳା ଓ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।



## ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

କବିସୂର୍ଯ୍ୟନଗର,୨୮ ।୨(ସମିସ): କବିସୂର୍ଯ୍ୟନଗର ପାଇକଯମୁନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘ ୩୪ ବର୍ଷ କାଳ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଥିଲେ ମଙ୍ଗୁଲୁ ଜେନା। ତାଙ୍କୁ ଶନିବାର ଅବସରକାଳନୀ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ଅଭିମନ୍ୟୁ ସାହୁ, ମୁଖ୍ୟବକ୍ତା ଏବିଇଓ ମାଧଓଚନ୍ଦ୍ର ମାଝୀ, ବିଆରସିସି ରବିନାରାୟଣ ବେହେରା, ସମ୍ମାନୀତ ଅତିଥି ଦଣ୍ଡପାଣି ରେଡି, ନୀଳାଞ୍ଚଳ କର, ମଳୟ ବସନ୍ତ ସ୍ୱାଇଁ, ପ୍ରଭାକର ଜେନା, ବବିତା କୁମାରୀ ପ୍ରଧାନ, ସୁରେଶ ଜେନା, ପ୍ରଶାନ୍ତ ତ୍ରିପାଠୀ, ରଞ୍ଜନ ଖୁଣ୍ଟିଆ ଓ ସମାଜସେବୀ ଯୋଗୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବେଲଗୁଣ୍ଠା,୨୮ ।୨(ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକ ଯୋଗଦେଇ ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ଡ.ପ୍ରଫୁଲ୍ଲ କୁମାର ଜେନା, କାର୍ଯ୍ୟକ୍ରମ ସଂଯୋଜିକା ପିଙ୍କି ପାତ୍ର, ମାଷ୍ଟର୍ ଟ୍ରେନର୍ ଶ୍ରୁତିମୟୀ ପାତ୍ର ଯୋଗ ଦେଇ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ସମ୍ପର୍କରେ ମତ ଏବଂ ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ପିଙ୍କି ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ପୋଲସରା,୨୮ ।୨(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଘୋଡାପଲାଣ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲିପ କୁମାର ସେଠୀ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କ୍ଲଷ୍ଟର ସିଆରସିସି ଅଜିତ କୁମାର ମହାପାତ୍ର ଆଜିର କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା କରିଥିଲେ। ବୈଠକରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ କରାତଳି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଲମିରା ଭାଙ୍ଗି ସୁନା, ଟଙ୍କା ଚୋରି

ପୁରୁଷୋତ୍ତମପୁର,୨୮ ।୨(ସମିସ): ଗଞ୍ଜାମ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଷୋଳଘର ଗାଁର ଅଶୋକ ପାଢ଼ୀଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଅଶୋକଙ୍କ ପରିବାର ଲୋକେ ଶୋଇଥିବା ସମୟରେ କୈଣସି ଦୁର୍ବୃତ୍ତ ଛାତ ରାସ୍ତା ଦେଇ ଘର ଭିତରେ ପଶି ଆଲମିରା ଭାଙ୍ଗି ୮୦ ଗ୍ରାମ ସୁନା ଓ ୩୦ ହଜାର ନଗଦ ଟଙ୍କା ଚୋରି କରି ବାରିପଟଦେଇ ପଳାଇଥିବା ଅଶୋକ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ସକାଳୁ ପରିବାର ଲୋକେ ଉଠି ବାରିପଟ କବାଟ ଖୋଲା ଥିବା ଦେଖିଥିଲେ। ଅଭିଯୋଗ ପାଇବା ପରେ ପୁରୁଷୋତ୍ତମପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାସହ ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ପୁଲିସ ପହଞ୍ଚି ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପ ଅନୁଷ୍ଠିତ




ରମ୍ଭା,୨୮ ।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରମ୍ଭାରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଭିଭାବିକା ରଶ୍ମିତା ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶିଶୁଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ମହେନ୍ଦ୍ର କୁମାର ସେନାପତି, ଉପଦେଷ୍ଟା ରାମଚନ୍ଦ୍ର ବାଡ଼ତ୍ୟା, ଶିଶୁ ବାଟିକା ପ୍ରମୁଖ ପ୍ରଭାସିନୀ ତରାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଶିଶୁ ବାଟିକା ଅନୁଷ୍ଠାନର ଭାତହାଣ୍ଡି ବୋଲି ମତବ୍ୟକ୍ତ କରିଥିଲେ। ଆଚାର୍ଯ୍ୟ ଶ୍ରୀନିବାସ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ରଶ୍ମିତା ବେହେରା କୃତଜ୍ଞତା ଜ୍ଞାପନ କରିଥିବାବେଳେ ଗୁରୁମା ଲକ୍ଷ୍ମୀ ସେଠି ଓ ପ୍ରସନ୍ନା ବେହେରା ଉପସ୍ଥିତ ରହି ଅଭିଭାବକ ଓ ଅଭିଭାବିକା ମାନଙ୍କୁ ପ୍ରସ୍ତୁତ ଷ୍ଟଲ ଗୁଡିକ ନିରୀକ୍ଷଣ କରିବାରେ ସହଯୋଗ କରିଥିଲେ ।

**ନେତାଜୀ ସୁଭାଷ ବୋଷ ଡିଗ୍ରୀ କଲେଜରେ ଅନିୟମିତତା ଅଭିଯୋଗ**

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଛାତ୍ରଛାତ୍ରୀ

ତୁମୁଡିବନ୍ଧ,୨୮ ।୨(ସମିସ):




ତୁମୁଡ଼ିବନ୍ଧ ବ୍ଲକ ନେତାଜୀ ସୁଭାଷ ବୋଷ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଅନିୟମିତତା କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଛନ୍ତି ଛାତ୍ରଛାତ୍ରୀ। ଆଉ ଅଳ୍ପଦିନ ମଧ୍ୟରେ ଉକ୍ତ ମହାବିଦ୍ୟାଳୟର ସ୍ନାତକ ତୃତୀୟ ବର୍ଷର ସେମିଷ୍ଟର-୬ ପରୀକ୍ଷା ରହିଥିବା ବେଳେ ବର୍ତ୍ତମାନ କଲେଜର ଅଧ୍ୟକ୍ଷ ୬ ଜଣ ଛାତ୍ରଛାତ୍ରୀ ତୃତୀୟ ବର୍ଷର ପୁନଃପ୍ରବେଶ ପାଇଁ ଫର୍ମଫିଲପ କରିବା ସହିତ ପ୍ରବେଶ ରାଶି ଜମା କରି ନଥିବା କହି ନୋଟିସ ଦେବା ସହିତ ପରୀକ୍ଷା ଗୃହକୁ ପ୍ରବେଶ କରିବାକୁ ବାରଣ କରିଛନ୍ତି।

ଅଧ୍ୟକ୍ଷଙ୍କ ଅନୁଯାୟୀ, ୬ଜଣ ଛାତ୍ରଛାତ୍ରୀ ସେମିଷ୍ଟର-୫ ପରୀକ୍ଷା ପୂର୍ବରୁ ପୁନଃପ୍ରବେଶ ରାଶି ଜମା କରିବା ସହିତ ଓ ପୁନଃ ପଞ୍ଜୀକରଣ କରିନାହାନ୍ତି। ତେଣୁ ସେମାନଙ୍କୁ ଷଷ୍ଠ ସେମିଷ୍ଟର ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରାଯାଇନି। ୬ ଜଣ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ନିୟମ ଅନୁଯାଇ ପୁନଃ ପ୍ରବେଶ ନିମନ୍ତେ ମହାବିଦ୍ୟାଳୟ ପକ୍ଷରୁ କିଛିଦିନ ପୂର୍ବରୁ ଏକ ନୋଟିସ ପ୍ରଦାନ କରାଯାଇଛି। ହେଲେ ସେମାନେ ବର୍ତ୍ତମାନ ପର୍ଯ୍ୟନ୍ତ ପୁନଃପ୍ରବେଶ ରାଶି ଜମା କରିନାହାନ୍ତି ବୋଲି ଅଧ୍ୟକ୍ଷ କହିଛନ୍ତି।

ଅନ୍ୟପଟେ ଅଧ୍ୟକ୍ଷଙ୍କ ବକ୍ତବ୍ୟ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପଚାରିବାରୁ ଗତବର୍ଷ ମେ' ମାସରେ ଦ୍ୱିତୀୟ ବର୍ଷ ପାସ୍ ହୋଇ ତୃତୀୟ ବର୍ଷ ପ୍ରବେଶ ସମୟରେ ଫର୍ମ ଫିଲ୍‌ଅପ ରାଶି ଜମା କରିଥିବା କହିଛନ୍ତି। ମହାବିଦ୍ୟାଳୟରେ ପୂର୍ବରୁ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟରଙ୍କ ପାଖରେ ତୃତୀୟ ବର୍ଷର ପୁନଃପ୍ରବେଶ ରାଶି ଜମା କରିଥିବା କହିଛନ୍ତି। କିନ୍ତୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସେମାନଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅଧ୍ୟକ୍ଷ କହିଛନ୍ତି ପୂର୍ବରୁ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପେରଟର ୬ ଛାତ୍ରଛାତ୍ରୀଙ୍କ ପୁନଃପ୍ରବେଶ ରାଶି ମହାବିଦ୍ୟାଳୟରେ ଜମା କରିନାହାନ୍ତି। ସେ ତାହା ନିଜସ୍ୱ ଖର୍ଚ୍ଚରେ ବ୍ୟବହାର କରିଛନ୍ତି।

ଅନ୍ୟପଟେ ପୂର୍ବରୁ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପେରଟର ଏହାକୁ ଖଣ୍ଡନ କରି ୬ ଛାତ୍ରଛାତ୍ରୀଙ୍କ ପୁନଃପ୍ରବେଶ ରାଶି ମହାବିଦ୍ୟାଳୟରେ ଜମା କରିଥିବା କହିଛନ୍ତି। ଯଦି ୬ ଛାତ୍ରଛାତ୍ରୀ ପୁନଃ ପ୍ରବେଶ ରାଶି ଜମା କରିନାହାନ୍ତି ବା ଫର୍ମଫିଲପ କରିନାହାନ୍ତି ତେବେ ତୃତୀୟ ବର୍ଷର ୫ସେମିଷ୍ଟାର ପରୀକ୍ଷା ଦେବାକୁ ସେମାନଙ୍କୁ ପ୍ରବେଶ ଓ ପରୀକ୍ଷା ଦେବାକୁ ଅନୁମତି ଦେଲା କିଏ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯଦି ୫ ସେମିଷ୍ଟାର ପରୀକ୍ଷା ଦେବାକୁ ଅନୁମତି ମିଳିଲା ତାହେଲେ ୬ ସେମିଷ୍ଟାର ନିମନ୍ତେ ଅନୁମତି କଣ ପାଇଁ ନାହିଁ ବୋଲି ମଧ୍ୟ ପ୍ରଶ୍ନ ହୋଇଛି। ଅଧ୍ୟକ୍ଷ ଜାଣିଶୁଣି ଛାତ୍ରଛାତ୍ରୀଙ୍କ ପ୍ରତି ବିଦ୍ୱେଷ ଭାବ ରଖିଛନ୍ତି। ଛାତ୍ରଛାତ୍ରୀ ଏହା ମଧ୍ୟ କହିଛନ୍ତି କଲେଜ ଅଧ୍ୟକ୍ଷ ପରୀକ୍ଷା ଦେବାରେ କେବଳ ବାଧା ଦେଉନାହାନ୍ତି ମାନସିକ ନିର୍ଯାତନା ମଧ୍ୟ ଦେଉଛନ୍ତି।

ମହାବିଦ୍ୟାଳୟର ନିୟମ ଅନୁଯାୟୀ ଫର୍ମ ଫିଲ୍‌ଅପ ବା ପୁନଃପ୍ରବେଶ ପାଇଁ ଅର୍ଥରାଶି ଜମା କରିବା ସମୟରେ ପ୍ରମାଣ ରୂପରେ କୌଣସି ରସିଦ ଦିଆଯାଇନାହିଁ। ଛାତ୍ରଛାତ୍ରୀଙ୍କ ଅର୍ଥରାଶିକୁ ହେରଫେର କରିବା ନିମନ୍ତେ ରସିଦ କରାଯାଉନଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ଦିନ ୬ ଛାତ୍ରଛାତ୍ରୀ ବାଲିଗୁଡା ଏନେଇ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏବଂ ମହାବିଦ୍ୟାଳୟର କଳା ଚିଠା ଖୋଲିଛନ୍ତି। କିଛିବର୍ଷ ପୂର୍ବରୁ ମଧ୍ୟ ଏହି ଡିଗ୍ରୀ କଲେଜ ନାମରେ ଅଭିଭାବକ ଓ ଛାତ୍ରଛାତ୍ରୀ ଅନେକ ସମୟରେ ଉପଜିଲ୍ଲାପାଳ ନିକଟରେ ଅଭିଯୋଗ କରିଆସିଛନ୍ତି। ଅନେକ ସମୟରେ ବିଭିନ୍ନ ପ୍ରକାରର ସମସ୍ୟା ଓ ଉତ୍ତେଜନା ମଧ୍ୟ ସୃଷ୍ଟି ହୋଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ମହାବିଦ୍ୟାଳୟରେ ବାରମ୍ବାର ଏହି ପ୍ରକାର ଘଟଣା ହେଉଥିବାରୁ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାଲିଗୁଡା ଉପଜିଲ୍ଲାପାଳ ଉଚିତ ତଦନ୍ତ କରି କଲେଜର ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ କରି ଷଷ୍ଠ ସେମିଷ୍ଟାର ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି।

## କାନସାରଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବୁଗୁଡ଼ା,୨୮ ।୨(ସମିସ): ବୁଗୁଡ଼ା ବ୍ଲକ କାନସାରଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଗବାନପୁର ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ନାୟକ, ସମ୍ମାନିତ ଅତିଥିଭାବେ ବି ନୂଆଗାଁ ବିଦ୍ୟାଳୟ ପ୍ରଧାନଶିକ୍ଷକ କେ. ରବୀନ୍ଦ୍ର କୁମାର ପାତ୍ର ଏବଂ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଦାରବିନ୍ଦ ଷଡ଼ଙ୍ଗୀ, ଟାକରଡ଼ା ସିଆରସିସି ଅନନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ନିଷ୍ଠା ଓ ଶୃଙ୍ଖଳାର ସହିତ ଅଧ୍ୟୟନ କରି ଭବିଷ୍ୟତରେ ଦେଶର ଜଣେ ଜଣେ ସୁନାଗରିକ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ନାରାୟଣ ପାତ୍ର ୨୦୨୫-୨୬ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ବଣ୍ଟନ କରିଥିଲେ। ଏଥିସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇତିଶ୍ରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶିକ୍ଷକ ବ୍ରଜ କିଶୋର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ ସହଭାଗିତା କାର୍ଯ୍ୟକ୍ରମ



ଦିଗପହଣ୍ଡି,୨୮ ।୨(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ସାମାଜିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଜେନାମଣି ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଫ୍ୟୁଜନ ଫାଇନାନ୍ସର ଡିଭିଜିନାଲ ମ୍ୟାନେଜର ଏମ.ଟୁକୁନା ପାତ୍ର, ନୟାଗଡ଼ ଶାଖାର ଆଡମିନ୍ ଶ୍ରୀକାନ୍ତ ଦାସ, କନିଷି ଶାଖାର ଏରିଆ ମ୍ୟାନେଜର ସୁଶାନ୍ତ କୁମାର ସାହୁ, ରାମଜୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ଏଜୁକେଶନ ଶିକ୍ଷକ ସଚ୍ଚିନ ସେଠ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫ୍ୟୁଜନ ଫାଇନାନ୍ସ ସଂସ୍ଥା ପକ୍ଷରୁ ଅତ୍ୟାଧୁନିକ ପାନୀୟ ଜଳଶୋଧନ ଏବଂ ଥଣ୍ଡା ପାନୀୟ ଜଳ ମେସିନ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା। ଏହି ଦୁଇଟି ମେସିନ ଦ୍ୱାରା ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ବୃନ୍ଦ ଉପକୃତ ହେବାସହ ବିଶୁଦ୍ଧ ପାନୀୟଜଳ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ସହାୟକ ହୋଇପାରିବ ବୋଲି ଫ୍ୟୁଜନ ଫାଇନାନ୍ସ ସଂସ୍ଥାର ଡିଭିଜିନାଲ ମ୍ୟାନେଜର ଏମ.ଟୁକୁନା ପାତ୍ର ମତପ୍ରକାଶ କରିଥିଲେ। ଏହି ସାମାଜିକ ସହଭାଗିତା କାର୍ଯ୍ୟକ୍ରମ ଅନ୍ୟ ସଂସ୍ଥା ମାନଙ୍କୁ ଏଭଳି ପଦକ୍ଷେପ ନେବା ପାଇଁ ପ୍ରେରଣା ଯୋଗାଇବାରେ ଅନୁପ୍ରାଣିତ କରିବ ବୋଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଜାତୀୟ ବିଜ୍ଞାନ ଦିବସ ପାଳିତ




ଛତ୍ରପୁର,୨୮ ।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଥିଲା। ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଦାଶ ଏବଂ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ସରିତା ଚୌଧୁରୀ ଯୋଗ ଦେଇ ବିଜ୍ଞାନ ସେମିନାର, ପ୍ରୟୋଗ ଓ ବୈଜ୍ଞାନିକମାନଙ୍କ ଜୀବନୀ କଥନ ଆଦି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଚାରଣ କରିବା ସହିତ ବିଜ୍ଞାନ ପ୍ରତି ଆମର ଅନୁରକ୍ତି ଓ ସ୍ୱତନ୍ତ୍ରତାର ପରିଚିତ କରାଇଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

**ଧରାକୋଟ:** ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଝରପାରି ପରିସରରେ ଏନର୍ଜି କ୍ଲବ ଅନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରେକୃଷ୍ଣ ଖଣ୍ଡୁଆଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଝରପାରୀ ସରପଞ୍ଚ ପ୍ରତିନିଧି ରଞ୍ଜିତ କୁମାର ଭୂୟାଁ ମୁଖ୍ୟ ଅତିଥି ରୂପେ ଯୋଗେ ଦେଇଥିବା ବେଳେ ଏସଏମସି ସଭାପତି ଗୌରା ସ୍ୱାଇଁ ଏବଂ ସମସ୍ତ କମିଟି ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ସେଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମେଡାଲ, ଟ୍ରଫି,ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏନର୍ଜି କ୍ଲବ ଶିକ୍ଷକ ଶଙ୍କର କୁମାର ବେହେରା, ବିଜ୍ଞାନ ଶିକ୍ଷକ ବାଙ୍କନିଧି ପାଇକ, ଅଶୋକ ଆଚାରି, ରୋହିତ ସାହୁ, ମନ୍ଦାକିନୀ ଜେନା ପ୍ରମୁଖ ସହଯୋଗ ପ୍ରଦାନ କରିଥିବାବେଳେ ଶିକ୍ଷକ ମ୍ୟାଗଡିଲ ଗମାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱତନ୍ତ୍ର ଭାବେ ତିନି ଗୋଟି ମଡେଲ କୁ ଆଜି ପୁରସ୍କୃତ କରାଯାଇଥିଲା।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୋଦଳା,୨୮ ।୨(ସମିସ): ସ୍ଥାନୀୟ ଲକ୍ଷୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ପ୍ରାରମ୍ଭରେ ସଂଯୋଜିକା ଅପରାଜିତା ପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ ଯୋଗ ଦେଇ ଆତ୍ମସୁରକ୍ଷା କୌଶଳ ତାଲିମ ସରକାରଙ୍କର ସଫଳ ପ୍ରୟାସ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ରଞ୍ଜୁବାଳା ନନ୍ଦ, ପ୍ରଶାସନିକ ଅଧିକାରୀ, ବିନୋଦ କୁମାର ମିଶ୍ର, ଏକାଡେମିକ ବର୍ସର, ଅନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ସପନ କୁମାର ଦାଶ ଏ କାର୍ଯ୍ୟକ୍ରମ ଛାତ୍ରୀ ମାନଙ୍କ ଆବଶ୍ୟକ ସମୟରେ କାମରେ ଆସିବ ସମ୍ପର୍କେ କହିଥିଲେ। ପ୍ରିୟଦର୍ଶିନୀ ସାହୁ ଗଣିତ ବିଭାଗୀୟ ଅଧ୍ୟାପିକା ସଭା ସଂଚାଳନ କରିଥିଲେ। ପ୍ରଶିକ୍ଷିକା ଭାରତୀ ଗୌଡ଼ ଯୋଗ ଦେଇଥିଲେ। ଅଧ୍ୟାପକ ଆଲୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀମାନଙ୍କୁ ଅଭିନନ୍ଦନ

ପୋଲସରା,୨୮ ।୨(ସମିସ): ପୋଲସରା ବ୍ଲକ ବଡପଙ୍କଳବାଡି ପଞ୍ଚାୟତ ବଣରାମଚନ୍ଦ୍ରପୁର (ବି. ନୂଆଁପଲ୍ଲୀ) ଗ୍ରାମ ସ୍ଥିତ ପଲ୍ଲୀଶ୍ରୀ ବିଜ୍ଞାନ ମହିଳା ମହାବିଦ୍ୟାଳୟରେ ଏକ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ତଥା ଶିକ୍ଷା ସମାଜସେବୀ ଶ୍ୟାମ ସୁନ୍ଦର ସାହୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାନେତ୍ରୀ ସୁଷମା ସାହୁ, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ଉଷା ରମଣ ଦାସଙ୍କ ସମେତ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭଶ୍ରୀ ରଥ ଏବଂ ବେବିନା ସାହୁ ମିଳିତ ଭାବେ କରିଥିବାବେଳେ ଶୁଭଶ୍ରୀ ରଥ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ଏବଂ ଛାତ୍ରୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଙ୍କ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଞ୍ଜନଗର,୨୮ ।୨(ସମିସ): ସ୍ଥାନୀୟ ମେଇନ ରୋଡ଼ ସ୍ଥିତ ୟୁନିଅନ ବ୍ୟାଙ୍କ ଶାଖା-୨ ର ଜଣେ ଅବସରପ୍ରାପ୍ତ କର୍ମଚାରୀ ବିଜୟ କୁମାର ପାଳଙ୍କୁ ବ୍ୟାଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ରଜତ କୁମାର ମହନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଓଡିଶା ରାଜ୍ୟ ବ୍ୟାଙ୍କ କର୍ମଚାରୀ ସଂଘ ବ୍ରହ୍ମପୁର ଡିଭିଜନର ସମ୍ପାଦକ ଉଜଳେଶ୍ୱର ଦାସ, ସହସମ୍ପାଦକ ସୁଜିତ କୁମାର ମିଶ୍ର, ସୁଦୀପ୍ତ ରଞ୍ଜନ ପାତ୍ର, ଜଗନ୍ନାଥ ପାଳ ଯୋଗଦେଇ ଅବସର ପରେ ଜଣେ ବ୍ୟାଙ୍କ କର୍ମଚାରୀର ଜୀବନ କିପରି କଟେ ତାଉପରେ ନିଜ ମତ ପ୍ରକାଶ କରିଥିଲେ। ଦୀର୍ଘ ୩୭ ବର୍ଷ ନିଜର ଚାକିରୀ ଜୀବନରେ ବ୍ୟାଙ୍କ କର୍ମଚାରୀ ହିସାବରେ ସମସ୍ତ ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ସହ ବ୍ୟାଙ୍କର ଉନ୍ନତି ନିମନ୍ତେ ସେ ସର୍ବଦା ଚେଷ୍ଟା କରିଥିଲେ। ଏହି ଅବସରକାଳୀନ ଉତ୍ସବରେ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିଜୟ ପାଳ ଓ ତାଙ୍କ ପତ୍ନୀ ମମତା କୁମାରୀ ପାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ରଘୁନାଥ ସ୍ୱାମୀଙ୍କ ବିଗ୍ରହ ପ୍ରତିଷ୍ଠା, ନାମ ସଂକୀର୍ତ୍ତନ






ବୁଗୁଡ଼ା,୨୮ ।୨(ସମିସ):

ବୁଗୁଡ଼ା ବ୍ଲକ କାନକୁଟୁରୁ ଗ୍ରାମରେ ରଘୁନାଥ ସ୍ୱାମୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଦେବତା ମହାସ୍ନାନ, ହୋମ, ଦେବତା ପ୍ରାଣ ପ୍ରତିଷ୍ଠା ଏବଂ ଶୁକ୍ରବାର ନଗରଭ୍ରମଣ, ଶୁଭଲଗ୍ନରେ ସିଂହାସନ ଆରୋହଣ, ଅଷ୍ଟପ୍ରହର ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ କୁଆଁନଳା, ଭାମଶ୍ୟାଳି, ଧୋଡାପଲ୍ଲୀ ଓ କାନକୁଟୁରୁ ଆଦି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଶନିବାର ନାମଯଜ୍ଞ ଶେଷ ହୋଇଥିବାବେଳେ ଦଧିଭାଣ୍ଡ ଭଞ୍ଜନ ଓ ଯମୁନା ସ୍ନାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୁରୋହିତ ଭାବେ ବିଜୟ ଦାଶ, ଅଶୋକ ଦାଶ, କେଶବ ତ୍ରିପାଠୀ ଓ ବାସୁଦେବ ଦାଶ ପ୍ରମୁଖ ଯୋଗଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ ରାମଚନ୍ଦ୍ର ପରିଡ଼ା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କାନକୁଟୁରୁ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଏହି ପଞ୍ଚଦିବସୀୟ ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରି ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

